ସମ୍ବାଦ

# ‘ରେବତୀ’ ମୋ ମନ ଉପରେ ଗଭୀର ପ୍ରଭାବ ପକାଇଛି: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୯/୫ (ଇମିସ): ଭାରତର ସୁପ୍ରସିଦ୍ଧ କଥାକାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଦ୍ୱାରା ଲିଖିତ ‘ରେବତୀ’ ମୋର ମନ ଉପରେ ଗଭୀର ପ୍ରଭାବ ପକାଇଛି। ଉନ୍ନବିଂଶ ଶତାବ୍ଦୀରେ ଲେଖା ଯାଇଥିବା ଏହି କାଳଜୟୀ କାହାଣୀ ନାରୀ-ଶିକ୍ଷା ପ୍ରତି ଏକ ଆଲୋକବର୍ତ୍ତିକା ଥିଲା ବୋଲି ଆଜି ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଦୁଇଦିନିଆ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ନିଜ ଅଭିଭାଷଣରେ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ସାହିତ୍ୟ ଅକାଦେମି ଓ ସଂସ୍କୃତି ମନ୍ତ୍ରାଳୟର ମିଳିତ ସହଯୋଗରେ ‘ସାହିତ୍ୟ କେତେ ବଦଳି ଯାଇଛି’ ଶୀର୍ଷକ ଦୁଇଦିନିଆ ସମ୍ମିଳନୀ ରାଷ୍ଟ୍ରପତି ଭବନରେ ଆୟୋଜନ କରାଯାଇଛି। ଏଥିରେ ଦେଶର ସବୁ ଭାଷାର ସାହିତ୍ୟିକମାନେ ଯୋଗ ଦେଇଛନ୍ତି। ରାଷ୍ଟ୍ରପତି ସମ୍ବୋଧନରେ କହିଥିଲେ ଯେ ୧୪୦ କୋଟି ଦେଶବାସୀଙ୍କ ବିଶାଳ ପରିବାରରେ ଅନେକ ଭାଷା ରହିଛି। ସାହିତ୍ୟିକ ପରମ୍ପରା ସହିତ ବିବିଧତା ରହିଛି। ବିବିଧତାରେ ଭାରତୀୟର ସ୍ପନ୍ଦନ ଅନୁଭୂତ ହୋଇଥାଏ। ଏହି ଅବସରରେ ରାଷ୍ଟ୍ରପତି ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରଖ୍ୟାତ ଓଡ଼ିଆ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ସଂପର୍କରେ ଉଲ୍ଲେଖ କରିବା ସହ ପ୍ରତିଭା ରାୟଙ୍କ ଓଡ଼ିଆ ଉପନ୍ୟାସ ‘ଯାଜ୍ଞସେନୀ’ ବିଷୟରେ କହିଥିଲେ।